# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣି ପ୍ରତି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ୍ ରିପୋର୍ଟ

(କଟକ ସଦର ତହସିଲ ଅନ୍ତର୍ଗତ ମଙ୍ଗଳାବାଗ-୩୫ ନଂ ୱାର୍ଡ଼ରେ କଟକ ସହରସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନଃ ବିନ୍ୟାସ ଉଦ୍ଦେଶ୍ୟରେ ରାସ୍ତା ନିର୍ମାଣ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସମ୍ପର୍କେ । )

**ବୈଧାନିକ ବ୍ୟବସ୍ଥା:**

କଟକ ସହର ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନଃ ର୍ବିନ୍ୟାସ ଉଦ୍ଦେଶ୍ୟରେ ରାସ୍ତା ନିର୍ମାଣ ପ୍ରକଳ୍ପ ପାଇଁ କଟକ ଜିଲ୍ଲାର ସଦର କଟକ ତହସିଲ ଅନ୍ତର୍ଗତ ୟୁନିଟ-୨୦ ମଙ୍ଗଳାବାଗ ଏ ୦.୪୬୦ ଡ଼ିସିମିଲି ବ୍ୟକ୍ତିଗତ ମାଲିକାନା ଭୁକ୍ତ ଜମି ଅଧିଗ୍ରହଣ ନିମନ୍ତେ ପୂର୍ତ୍ତ ଓ ରାସ୍ତା ନିର୍ମାଣ ବିଭାଗ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବାପରେ ତତ୍ ସମ୍ପର୍କରେ ସଠିକ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ର ଧାରା ୪ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନମତେ ଅଧିସୂଚନା ମାନ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶନ ହୋଇଅଛି ।

**ଅଧିସୂଚନା**

| କ୍ର. ନଂ. | ତହସିଲ | ଗ୍ରାମ | ପ୍ରସ୍ତାବିତ ଅଧିଗ୍ରହଣ ବ୍ୟକ୍ତିଗତ ଜମି | ଅଧିସୂଚନା ସଂଖ୍ୟା ଓ ତାରିଖ |
|---|---|---|---|---|
| ୧. | ସଦର କଟକ | ୟୁନିଟ-୨୦ ମଙ୍ଗଳାବାଗ | ଏ ୦.୪୬୦ ଡ଼ିସିମିଲି | ୨୮୬୩ ତା. ୨୧.୦୯.୨୦୨୦ |

**ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ:**

ଓଡ଼ିଶା ସରକାରଙ୍କ ଅଧିସୂଚନା ମତେ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡ଼ିଜ୍ (ଏନ. ସି. ଡ଼ି ଏସ୍.) ଭୁବନେଶ୍ୱରଙ୍କୁ ନ୍ୟସ୍ତ କରାଯାଇଥିଲା । ତତ୍ ପଶ୍ଚାତ, ନବକୃଷ୍ଣ ଉନ୍ନୟନ କେନ୍ଦ୍ର (ଏନ. ସି. ଡ଼ି. ଏସ୍.), (ରି. ଏ. କ.) ଭୁବନେଶ୍ୱରଙ୍କୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦୟିତ୍ୱ ପ୍ରଦାନ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସମ୍ପୂର୍ଣ୍ଣ ବିବରଣୀ ଜୀବିକା ଆୟର ପନ୍ଥା., ପରିବାରର ମୋଟ ବ୍ୟୟ, ପରିବାରର ଆସବାବ ପତ୍ର, ପ୍ରଭାବିତ ହେବାକୁ ଥିବା କୋଠାବାଡ଼ି, ବ୍ୟବସାୟିକ ବା ଆତ୍ମନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚୀରେ ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଏସ୍. ଆଇ. ଏମ୍. ପି.) ମଧ୍ୟ ପ୍ରସ୍ତୁତି କରିଛନ୍ତି ।

**ଜନଶୁଣାଣି (ଧାରା-୫)**

ଉଚିତ କ୍ଷତି ପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୂନର୍ବାସ ଆଇନ- ୨୦୧୩ ଧାରା ୫ ଅନୁସାରେ ପ୍ରଭାବିତ ଅଞ୍ଚଳ ଗୁଡିକର ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ପ୍ରଚାର ମାଧ୍ୟମରେ ଜଣାଯାଇଥିଲା ।

ଆୟୋଜିତ ଜନଶୁଣାଣି କାର୍ଯ୍ୟ ୟୁନିଟ –୨୦ ମଙ୍ଗଳବାଗ ମୌଜାରେ ଗୋଟିଏ ଜନଶୁଣାଣି ବୈଠକ ମଧ୍ୟରେ ସମାପନ ହୋଇଥିଲା । ଉକ୍ତ ଜନଶୁଣାଣିରେ ବିଶଦ ବିବରଣୀ ଚୁଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣ୍ଣନା ହୋଇଅଛି ।

ଜନଶୁଣାଣି ସମୟରେ କ୍ଷତିଗ୍ରସ୍ତ ତଥା ସହରବାସୀମାନେ ବହୁ ସଂଖ୍ୟାରେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତ କରିବା ସହ ପ୍ରସ୍ତାବିତ ଜମିକୁ ପୂର୍ତ୍ତ ଓ ରାସ୍ତା ନିର୍ମାଣ ବିଭାଗକୁ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ।

ତା ୨୯-୧୦-୨୦୨୦ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ରାଣିହାଟ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଜିଲ୍ଲା ପ୍ରଶାସନ ଓ (ରି. ଏ. କ.) ପ୍ରକଳ୍ପ ରୂପାୟନକାରୀ ତରଫରୁ ଜନଶୁଣାଣି କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଜନଶୁଣାଣିରେ ଉପଜିଲ୍ଲାପାଳ, ସଦର କଟକ, ଅତିରିକ୍ତ ତହସିଲଦାର, ସଦର କଟକ ଭୂ-ଅର୍ଜନ ଅଧିକାରୀ (ପୌର), କଟକ (ରି. ଏ. କ.) ର ଦଳ ମୁଖ୍ୟ ଏବଂ କ୍ଷେତ୍ର ପରିଦର୍ଶକ ସ୍ଥାନୀୟ ମହାନଗର ନିଗମର ଉପ-ଆୟୋଗୀ ଉପସ୍ଥିତ ଥିଲେ । କଟକ ମହାନଗର ନିଗମର ପରିଷଦ ପୁନଃର୍ଗଠନ ହୋଇ ନଥିବାରୁ କୌଣସି କର୍ପୋରେଟର ଉପସ୍ଥିତ ନଥିଲେ ।

ଉକ୍ତ ଜନଶୁଣାଣି କାର୍ଯ୍ୟରେ (ରି. ଏ. କ.) ର ଦଳ ମୁଖ୍ୟ ଏବଂ କ୍ଷେତ୍ର ପରିଦର୍ଶକ ସ୍ୱାଗତ ଭାଷଣ ଦେବା ସହିତ ଏହି ପ୍ରକଳ୍ପ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ପରେ ଉପଜିଲ୍ଲାପାଳ ମହାଶୟ ୧୮୯୪ ମସିହା ଭୂ-ଅର୍ଜନ ଅଧିଗ୍ରହଣ ଆଇନ ଓ ନୂତନ ଭାବେ ପ୍ରଚଳିତ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ ଆଇନ ୨୦୧୩ ର ଏକ ତୁଳନାତ୍ମକ ରୂପରେଖ ପ୍ରଦାନ କରିଥିଲେ ।
କଟକ ମହାନଗର ନିଗମର ଉପ-ଆୟୋଗୀ ଉକ୍ତ ଇଲାକାରେ ପ୍ରଭାବିତ ହେଉଥିବା କ୍ଷତିଗ୍ରସ୍ତ ପରିବାରର ଅସୁବିଧା ଓ ମତାମତ ନେଇ ଆଲୋଚନା କରିଥିଲେ ।

**ପ୍ରଶାସନ ଧାରା – ୬**

ୟୁନିଟ ୨୦ ମଙ୍ଗଳାବାଗ ମୌଜାରେ ଜନଶୁଣାଣି ପରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ବିବରଣୀକୁ ଆଇନର ଧାରା-୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରାଯାଇଥିଲା ।

**ଆଇନର ଧାରା-୭ ଉପଧାରା-୧ ଅନୁସାରେ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୂଡ଼ାନ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୂଲ୍ୟାୟନ ଓ ସୁପାରିଶ ।**

ସଠିକ କ୍ଷତି ପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ- ୨୦୧୩ ଧାରା-୭ ଉପଧାରା-୧ ଅନୁସାରେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ" ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମଜିକ ପ୍ରଭାବ ନିର୍ଦ୍ଧାରଣ ଚୂଡ଼ାନ୍ତ ରିପୋର୍ଟକୁ ଅନୁଧାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କ ନିକଟକୁ ଜଣାଇବାର ବ୍ୟବସ୍ଥା ରହିଅଛି।

**ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ**

୧. ଶ୍ରୀଯୁକ୍ତ ପ୍ରଶନ୍ନ କୁମାର ଲିମା, ଫ୍ରିଲାନ୍ସ କନସଲଟାଣ୍ଟ, ସାମାଜିକ ବିଶେଷଜ୍ଞ
୨. ଶ୍ରୀଯୁକ୍ତ ସୁଶାନ୍ତ କୁମାର ଯୋଷି, ଆଡ଼ଭୋକେଟ, ସାମାଜିକ ବିଶେଷଜ୍ଞ
୩. ଶ୍ରୀଯୁକ୍ତ ଅବିନାଶ ରାଉତ, ଉପ-ଆୟୋଗୀ ମହାନଗର ନିଗମ, କଟକ, କଟକ ମହାନଗର ନିଗମ ପ୍ରତିନିଧି
୪. ଶ୍ରୀଯୁକ୍ତ ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ୱାର୍ଡ଼ ଅଧିକାରୀ, ୱାର୍ଡ଼ – ୩୫, ମଙ୍ଗଳାବାଗ, କଟକ ମହାନଗର ନିଗମ ପ୍ରତିନିଧି
୫. ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ବେଉରା, ଉପ-ଜିଲ୍ଲାପାଳ, ସଦର କଟକ, ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ
୬. ଶ୍ରୀଯୁକ୍ତ ପଦ୍ମନାଭ ସାମଲ, ଅବସରପ୍ରାପ୍ତ ଆଇ. ଏ. ଏସ., ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ
୭ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ, କଟକ
୮. ଶ୍ରୀଯୁକ୍ତ ପ୍ରଭାସ କୁମାର ମାଝୀ, ନିର୍ବାହି ଯନ୍ତ୍ରୀ, ରାସ୍ତା ଓ ଗୃହ, ଡିଭିଜନ କଟକ- ୧, ପ୍ରକଳ୍ପ ବିଶେଷଜ୍ଞ

ଉପରୋକ୍ତ ବ୍ୟକ୍ତି ବିଶେଷ ମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ, କଟକ ଙ୍କୁ ଅଧକ୍ଷ ରୂପେ ମନୋନୟନ କରାଯାଇଅଛି ।

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ**

ଆଇନର ଧାରା-୭ ଉପଧାରା-୧ ଅନୁସାରେ ପ୍ରକାଶନ ହୋଇଥିବା ଚୂଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ" ଙ୍କ ଏକ ବୈଠକ ଆହ୍ୱାନ କରାଯାଇଥିଲା । ଉକ୍ତ ବୈଠକକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ ତା: ୨୭-୧୧-୨୦୨୦ ରିଖ ଅପରାହ୍ନ ୪:୩୦ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କରାଯାଇଥିଲା । ଶ୍ରୀଯୁକ୍ତ ହୃଷିକେଶ ଦାସ, ରି. ଏ. କ. ର ଦଳ ମୂଖ୍ୟ ଏବଂ କ୍ଷେତ୍ର ପରିଦର୍ଶକ ଏକକ ନିମନ୍ତ୍ରିତ ସଭ୍ୟ ଭାବେ ଯୋଗ ଦେଇଥିଲେ । ଉପ-ଜିଲ୍ଲାପାଳ, କଟକ ଉପସ୍ଥିତ ଥିଲେ ।

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟର ମୂଲ୍ୟାୟନ**

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧ୍ୟାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ ।

କଟକ ସହର ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନଃ ର୍ବିନ୍ୟାସ ଉଦ୍ଦେଶ୍ୟରେ ରାସ୍ତା ନିର୍ମାଣ ପ୍ରକଳ୍ପ ଉପଯୁକ୍ତ ଇଞ୍ଜିନିୟରିଂ ଡିଜାଇନ ମାଧ୍ୟମରେ ପ୍ରସ୍ତୁତ କରାଯାଇ ଜମି ଅଧିଗ୍ରହଣରେ ପ୍ରତିକୂଳ ପ୍ରଭାବକୁ କମାଇବାକୁ ଯଥେଷ୍ଟ ପ୍ରଚେଷ୍ଟା କରାଯାଇଥିବା ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ ।

ଏହି ପରିପ୍ରେକ୍ଷୀରେ ଜନବସତି ବିସ୍ଥାପନକୁ ଯେପରି ସର୍ବନିମ୍ନରେ ସିମୀତ କରାଯିବ, ସେଥିପ୍ରତି ଯଥେଷ୍ଟ ପଦକ୍ଷେପ ନିଆଯାଇଅଛି । ପୁନଶ୍ଚ ସର୍ବନିମ୍ନ ପରିମାଣର ବ୍ୟକ୍ତିଗତ ମାଲିକାନା ଜମିକୁ ଅଧିଗ୍ରହଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଅଛି । ଜନଶୁଣାଣିରେ ଉତଥାପିତ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନମତେ ଆଲୋଚନା କରାଯାଇଥିଲା ।

୧. ରାସ୍ତା ନିର୍ମାଣରେ ପ୍ରଭାବିତ ମୌଜା ରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ରାସ୍ତା ନିର୍ମାଣ କରି ଗମନାଗମନ ବ୍ୟବସ୍ଥା ସହ ଉଭୟ ପାର୍ଶ୍ୱରେ ସଜ୍ଜିକରଣ ନିମନ୍ତେ ଆବଶ୍ୟକ ରାସ୍ତା କରିବା ପାଇଁ ପୂର୍ତ୍ତ ଓ ରାସ୍ତା ବିଭାଗ କୁ ପ୍ରସ୍ତାବ ଦିଆଯାଇଅଛି ।

୨. ରାସ୍ତା ନିର୍ମାଣରେ କ୍ଷତିଗ୍ରସ୍ତ ହୋଇଥିବା ପ୍ରଜା ମାନଙ୍କୁ ଜମିର ଉଚିତ ବଜାର ଦରରେ କ୍ଷତିପୂରଣ ଦେବା ପାଇଁ ଉପସ୍ଥିତ ଜିଲ୍ଲା ନିବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ।

୩. ରାସ୍ତା ନିର୍ମାଣରେ କ୍ଷତିପୂରଣ ପାଇବା ନିମନ୍ତେ ସତ୍ୱଲିପି ପ୍ରସ୍ତୁତି କରିବା ପାଇଁ ତହସିଲରେ ବକେୟା ଥିବା ମକଦ୍ଦମା ମାନ ତୁରନ୍ତ ଫଇସଲା କରିବା ପାଇଁ ତହସିଲଦାରଙ୍କୁ ଅତିରିକ୍ତ ଜିଲ୍ଲାପାଳ ମହାଶୟ ନିର୍ଦ୍ଦେଶ ଦେଇଥିଲେ ।

୪. ଜମି ଅଧିଗ୍ରହଣ ପରେ ବଳିପଡ଼ିଥିବା ଜମିକୁ ପୁନର୍ବାର ଅଧିଗ୍ରହଣ କରିବା ପାଇଁ ଆଲୋଚନା କରାଯାଇ ଅନ୍ତତଃ ପକ୍ଷେ ଏ ୦.୧୫ ଡ଼ି. ରୁ କମ୍ ଜମିକୁ ଅଧିଗ୍ରହଣ କରାଯିବା ପାଇଁ ରାସ୍ତା ଓ ଗୃହ ନିର୍ମାଣ ଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା ।

ପରିଶେଷରେ ବିଶେଷଜ୍ଞ ଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ପ୍ରାଞ୍ଜଳ ଭାବେ ଅନୁଧ୍ୟାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରି ଉଚ୍ଚ ପ୍ରଶଂସା କରିଥିଲେ ।

କଟକ ସହର ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନଃ ର୍ବିନ୍ୟାସ ଉଦ୍ଦେଶ୍ୟରେ ରାସ୍ତା ନିର୍ମାଣ ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲେ ଏହା ଉକ୍ତ ଚିକିତ୍ସାଳୟ ସହ ସମଗ୍ର ଓଡ଼ିଶା ମଧ୍ୟରେ ଏକ ସଂଯୋଗ ସ୍ଥାପନ କରିବା ସହିତ ଜଗତସିଂହପୁର, କେନ୍ଦ୍ରାପଡା ଓ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ସହ ଯୋଗାଯୋଗ ହୋଇପାରିବ । ଦୀର୍ଘ ଦିନର ପ୍ରତିକ୍ଷିତ ରାସ୍ତା ନିର୍ମାଣ ଦ୍ୱାରା ଜିଲାର ବିକାଶ ସହ ଗମନାଗମନ ସହିତ ଶିଳ୍ପ ସଂସ୍ଥା ଗଢି ଉଠିବ ବୋଲି ମତବ୍ୟକ୍ତ କରିଛନ୍ତି ।

ନୂତନ ଆଇନ ଅନୁସାରେ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବା ପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ଯଥାଯୋଗ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ପ୍ରକଳ୍ପ ଦ୍ୱାରା ହେଉଥିବା କ୍ଷୟକ୍ଷତି ଅପେକ୍ଷା ଅଞ୍ଚଳର ବିକାଶ ଅଧିକ ସହାୟକ ହେବ ବୋଲି ବିଶେଷଜ୍ଞ ଦଳ ହୃଦବୋଧ କଲେ ।

ସଭା ଶେଷରେ ଆବାହକ ସଦସ୍ୟ ତଥା ଭୂ-ଅର୍ଜନ ଅଧିକାରୀ ଉପସ୍ଥିତ ସମସ୍ତ ସଭ୍ୟ ତଥା ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

27/11/2020

ଅତିରିକ୍ତ ଜିଲ୍ଲାପାଳ ତଥା
"ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ"
ଅଧ୍ୟକ୍ଷ, କଟକ

Pratap Chandra Behera,
Sub. Collector, Ctc

Padmanav Sovaal

Durga Prasad Acharya
Ward officer - 35

Hrushikesh Dash
F.C. RAC Bhubaneswar

27/11/20

Prasanna Kumar ...

Santosh Kr. Jena

Prasanta Kumar Majhi

27/11/20

Dr. Pradip M. Caha.
Ant. Enforcement CMC

Somanath Majhi, LAO (Tirtol), Cuttack

tendance sheet of members present in the meeting of Independent Multidisciplinary Expert Group held on 27.11.2020 at 04.30 P.M in the Office Chamber of ADM (Revenue), Collectorate, Cuttack for the acquisition of private land measuring an area of Ac. 0.460 dec.in mouza- Unit 20 Mangalabag for Construction of Road for Re-development of SCB Medical College and Hospital, Cuttack

| Sl. No. | Name of the Officer | Designation | Signature | Mobile No. |
|---|---|---|---|---|
| 1 | Sri Purna Chandra Mishra, OAS(S) | Additional District Magistrate | | 9438290102 |
| 2 | Sri Pratap Chandra Beura, OAS (SB) | Sub-Collector Sadar, Cuttack | | 9437639901 |
| 3 | Sri Abinash Rout, OAS | Deputy Commissioner, CMC, Cuttack, | On behalf of DC. Dr. Pradip Kr. Saha Asst. Engineer | 9437315152 |
| 4 | Padmanav Samal | IAS (Retd.) | Padmanav Samal | |
| 5 | Prasanna Kumar Lima | Freelance Development Consultant. | 27/11/20 | |
| 6 | Susant Kumar Joshi | Advocate. | 27.11.20 | |
| 7 | Pravash Kumar Majhi | Executive Engineer, Cuttack, (R&B) Division-1, Cuttack. | 27/11/20 | 9938425349. |
| 8 | Durga Prasad Acharya | Ward Officer, Ward No.- 35, Mangalabag | 27/11/2020 | 9437228063 |
| 9 | Hrushikesh Dash | Field co-ordinator RAC Bhubaneswar | 27/XI/2020 | 9439570133 |
| 10 | Soumya Biswal | Asst. Collector | 27/11/2020 | 9438262699. |
| 11 | Mrinali Mahanti | Asst. Collector | 27/11/2020 | 9437066388 |
| 12 | Deepak Dash | Programme Coordinator | | 8895553602 |
| 13 | Somanath Majhi | LAO (Wet) Kuttack | | 94383[illegible] |
| 14 | | | | |
| 15 | | | | |
| 16 | | | | |